# NATIONAL NEWS BULLETIN (ODIA)
## 15th October - 2026
## Morning Bulletin : 7.15 a.m.

******************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ' ଆଜି ଲଦାଖରେ ୩ ହଜାର ୩୫୦ କୋଟି ଟଙ୍କା ମୂଲ୍ୟର ୫ଟି ବୃହତ ବିକାଶମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।
- ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣକାରୀ ଭାରତୀୟ ଦଳ ସହ ଆଜି ନୂଆଦିଲ୍ଲୀରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- କେନ୍ଦ୍ର କ୍ୟାବିନେଟ୍‌ରେ ରେଳ କର୍ମଚାରୀଙ୍କପାଇଁ ୭୮ ଦିନର ବୋନସ୍ ସହ ସାମାଜିକ ସୁରକ୍ଷା ବ୍ୟବସ୍ଥାପାଇଁ ୫୩ ହଜାର ୪୨୮ କୋଟି ଟଙ୍କା ମଞ୍ଜୁରୀ ।

ଏବଂ

- ହାଇଦ୍ରାବାଦ୍‌ଠାରେ ଅନୁଷ୍ଠିତ ଚତୁର୍ଥ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଭାରତକୁ ୨୪ ରନ୍‌ରେ ପରାସ୍ତ କଲା ୱେଷ୍ଟଇଣ୍ଡିଜ୍ ।

# ପି.ଏମ୍. - ଲଦାଖ୍ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲଦାଖରେ ଆଭାସୀ ମାଧ୍ୟମରେ ପ୍ରାୟ ୩ ହଜାର ୩୫୦ କୋଟି ଟଙ୍କା ମୂଲ୍ୟର ୫ଟି ବୃହତ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଲଦାଖରେ ଯୋଗାଯୋଗ ସୁଦୃଢ଼, ଶକ୍ତି ଭିତ୍ତିଭୂମିର ଉନ୍ନତି, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏବଂ ଜଳ ସୁରକ୍ଷା ବୃଦ୍ଧି କରିବା ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ରହିଛି । ଏହି ଅବସରରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ଲେହ ସ୍ଥିତ କୁଶୋକ ବକୁଳା ରେମ୍ପୋଚେ ବିମାନ ବନ୍ଦରରେ ୬୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଯାତ୍ରୀ ଟର୍ମିନାଲ୍ ବିଲ୍ଡିଂର ଉଦ୍‌ଘାଟନ କରିବେ । ଏହି ଟର୍ମିନାଲ୍ ୨୩ ହଜାର ୮୦୦ ବର୍ଗ ମିଟର ପରିଧି ମଧ୍ୟରେ ଅବସ୍ଥିତ ଏବଂ ବାର୍ଷିକ ୩୫ ଲକ୍ଷ ଯାତ୍ରୀ ପରିଚାଳନା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି । ପ୍ରଧାନମନ୍ତ୍ରୀ' ସୀମା-ସଡ଼କ ସଂଗଠନ ଦ୍ୱାରା ନିର୍ମିତ ୨୯୮ କିଲୋମିଟର ଦୀର୍ଘ ନିମ୍ମୁ-ପାଦୁମ୍-ଦାର୍ଚା ସଡ଼କକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ସଡ଼କ ଲେହର ନିମ୍ମୁ ସହିତ ହିମାଚଳ ପ୍ରଦେଶର ଦାର୍ଚା ସହିତ ସଂଯୋଗ କରିବ ।

ସେହିପରି ଶ୍ରୀ ମୋଦୀ ୯ ମେଗାୱାଟ୍ କ୍ଷମତା ବିଶିଷ୍ଟ ହାନୁ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ୬୬ କିଲୋ ଭୋଲ୍ଟ ଡବଲ୍ ସର୍କିଟ୍ ଦାହ-ହାନୁ-

ଖାଲଟ୍‌ସି ଟ୍ରାନ୍ସମିଶନ୍ ଲାଇନ୍‌ର ଉଦ୍‌ଘାଟନ କରିବେ । ଏହା ଲଦାଖର ବିଦ୍ୟୁତ୍ ନେଟ୍‌ୱାର୍କ ବ୍ୟବସ୍ଥାର ଉନ୍ନତିରେ ସହାୟକ ହେବ । ଶ୍ରୀ ମୋଦି ଲେହସ୍ଥିତ ସିନ୍ଧୁଘାଟଠାରେ ଭାରତର ପ୍ରଥମ ପ୍ରାଚୀନ ଶିଳାଲିପି ସୁରକ୍ଷା ପାର୍କ ଉଦ୍‌ଘାଟନ କରିବେ ।

## ପି.ଏମ୍. - ଏସିଆନ୍ ଗେମ୍‌ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସହ ଆଲୋଚନା କରିବେ । ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ ମଧ୍ୟ ସମ୍ବୋଧିତ କରିବେ । ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତ ମୋଟ୍ ୮୫ଟି ପଦକ ମଧ୍ୟରୁ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି ବ୍ରୋଞ୍ଜ ପଦକ ଜିତି ତାଲିକାର ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ଭାରତ କ୍ରମାଗତ ପାଇଁ ଦ୍ୱିତୀୟଥର ଏହି ସ୍ଥାନ ହାସଲ କରିଛି । ଏହା ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଦେଶର ପ୍ରତିଯୋଗିତାମୂଳକ କ୍ଷମତାକୁ ପ୍ରତିଫଳିତ କରିଛି । ଏହି କ୍ରୀଡ଼ାରେ ଭାରତ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା ।

ଭାରତ ଉଭୟ ମହିଳା ଏବଂ ପୁରୁଷ ହକି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଲାଭ କରିବା ସହ ସଫ୍ଟ ଟେନିସ୍ ଏବଂ ମିଳିତ ସାମରିକ କଳାରେ ପ୍ରଥମ ଥରପାଇଁ ପଦକ ହାସଲ କରିବାକୁ ସମର୍ଥ ହୋଇଥିଲା । ମହିଳା ଟ୍ରାପ୍ ପ୍ରତିଯୋଗିତାରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ଲାଭ କରିବା ସହ ଦୀର୍ଘ ୨୮ ବର୍ଷ ବ୍ୟବଧାନ ପରେ ଏସୀୟ କ୍ରୀଡ଼ା ଭାରୋତ୍ତଳନ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇଥିଲା ।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ମାନ୍ୟତା ପ୍ରଦାନ ସ୍ୱରୂପ ୧୧ ଲକ୍ଷ ୪୦ ହଜାରରୁ ଅଧିକ କର୍ମଚାରୀଙ୍କୁ ୭୮ ଦିନର ଉତ୍ପାଦଭିତ୍ତିକ ବୋନସ ପ୍ରଦାନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ବୋନସ ପ୍ରଦାନ ପାଇଁ ୨ ହଜାର ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦିତ ହୋଇଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରତି ବର୍ଷ, ପାର୍ବଣ ଋତୁ ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ବୋନସ ପ୍ରଦାନ କରାଯାଇଥାଏ । ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବା ପାଇଁ ରେଳବାଇ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା

କ୍ଷେତ୍ରରେ ବୋନସ ପ୍ରଦାନ ଏକ ପ୍ରୋତ୍ସାହନ ଭାବେ କାର୍ଯ୍ୟ କରିଥାଏ । ଯୋଗ୍ୟ କର୍ମଚାରୀଙ୍କ ସର୍ବାଧିକ ବୋନସ୍ ପରିମାଣ ୧୭ ହଜାର ୯୫୧ ଟଙ୍କା ରହିଛି ।

କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଗତକାଲି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ୨୦୨୬-୨୭ରୁ ୨୦୩୦-୩୧ ମସିହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ଲାଗି ଅନୁମୋଦିତ ହୋଇଛି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ୫୩ ହଜାର ୪୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ସାମାଜିକ ସହାୟକ ଯୋଜନା ନାମରେ ନାମିତ କରାଯାଇଛି । ସାମାଜିକ ସୁରକ୍ଷା ବୃଦ୍ଧି ବ୍ୟବସ୍ଥାଦ୍ୱାରା ମୋଟ୍ ୩୬ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୩ କୋଟି ୨୦ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

କେନ୍ଦ୍ର କ୍ୟାବିନେଟ୍‌ରେ ଗତକାଲି ଆଇ.ଡି.ବି.ଆଇ. ବ୍ୟାଙ୍କ୍‌ର ରଣନୈତିକ ପୁନର୍ଗଠନ ପ୍ରକ୍ରିୟା ଅନୁମୋଦିତ ହୋଇଛି । ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି, ବ୍ୟାଙ୍କଗୁଡ଼ିକ ପାଇଁ ରଣନୈତିକ ଅଂଶିଦାର ଚୟନ କରାଯାଇଛି । ଏହା ମାଧ୍ୟମରେ ନୂତନ ପୁଞ୍ଜି ବିନିଯୋଗ କରାଯିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ସରକାର ଏବଂ ଜୀବନ ବିମା ନିଗମ – ଏଲ୍.ଆଇ.ସି.ର ପୁନର୍ଗଠନ ସଂସ୍ଥାରେ ତାର ୩୪ ପ୍ରତିଶତ ଅଂଶ ବଳବତ୍ତର ରଖିବ । ଏହି ପଦକ୍ଷେପଦ୍ୱାରା ଆଇ.ଡି.ବି.ଆଇ. ବ୍ୟାଙ୍କ୍ ୬୦ ଦଶମିକ ୭/୨ ପ୍ରତିଶତ ଅଂଶଧନ ରଣନୈତିକ କ୍ରୋତାମାନଙ୍କୁ ବିକ୍ରୟ କରିପାରିବ ।

କାନାଡ଼ାଭିତ୍ତିକ ଫେୟାରଫ୍ୟାକ୍ସ ଆର୍ଥିକ ନିଗମକୁ ରଣନୈତିକ କ୍ରେତା ଭାବେ ଚୟନ କରାଯାଇଛି ।

## ସେବା ସଂକଳ୍ପ - ସ୍ପେସ୍ ସେକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ମହାକାଶ କ୍ଷେତ୍ରରେ ହୋଇଥିବା ସଂସ୍କାରମୂଳକ ପଦକ୍ଷେପ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଭାରତର ମହାକାଶ ଇସ୍ରୋକୁ ବୁଝାଇଥାଏ । ୨୦୨୦ ମସିହା ସଂସ୍କାରମୂଳକ ପଦକ୍ଷେପସ୍ୱରୂପ ଇନ୍-ସ୍ପେସ୍ ଆରମ୍ଭ କରାଯାଇଥିଲା । ଏହା ଏକ ସ୍ୱାଧୀନ ଏବଂ କ୍ଷମତାପୂର୍ଣ୍ଣ ସଂସ୍ଥା, ଯାହାକି ଘରୋଇ ମହାକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ, ସମର୍ଥନ କରିଥାଏ । ୨୦୨୩ ମସିହା ଭାରତୀୟ ମହାକାଶ ନୀତି ଅନୁଯାୟୀ ଉପଗ୍ରହ ଏବଂ ମହାକାଶଯାନ ପ୍ରେରଣ ବ୍ୟବସ୍ଥା କରାଯାଇଥିଲା ।

୨୦୧୪ ମସିହାରେ ଭାରତରେ ଏକକ ମହାକାଶ ଷ୍ଟାର୍ଟଅପ୍ ରଥିଲା । ୨୦୨୬ ମସିହା ସୁଦ୍ଧା ଭାରତରେ ୪୪୦ ପଞ୍ଜିକୃତ ମହାକାଶ ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ହୋଇପାରିଛି । ଏକ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ପରିମାଣ ୬୧୮ ମିଲିୟନ୍ ଡଲାର ଅତିକ୍ରମ କରିଛି ।

ମହାକାଶ କ୍ଷେତ୍ରରେ ହୋଇଥିବା ସଂସ୍କାରମୂଳକ ପଦକ୍ଷେପର ପ୍ରମାଣ ୨୦୨୬ ମସିହା ଜୁଲାଇ ୧୮ ତାରିଖରେ ପ୍ରତିପାଦିତ ହୋଇଛି । ଶ୍ରୀହରିକୋଟାରୁ ସ୍କାଏରୁଟ୍ ଏରୋସ୍ପେସ୍‌ର ବିକ୍ରମ-୧ ପ୍ରଥମ ପରୀକ୍ଷାରେ ଅର୍‌ବିଟ୍‌ରେ ପହଞ୍ଚିପାରିଥିଲା । ଏହା ହେଉଛି ପ୍ରଥମ ଘରୋଇ ଭାରତୀୟ ରକେଟ୍ ।

***Voice (PM_ :........***

## ସୁଗାର୍‌କେନ୍ କମିଟି

କେନ୍ଦ୍ର ସରକାର ଆଖୁଚାଷୀଙ୍କଦ୍ୱାରା ଉପସ୍ଥାପିତ ବିଭିନ୍ନ ପ୍ରସଙ୍ଗର ପରୀକ୍ଷା ନିରୀକ୍ଷା କରିବାପାଇଁ ଏକ କମିଟି ଗଠନ କରିଛନ୍ତି । ଚାଷୀମାନଙ୍କ ସମସ୍ୟାର ସମାଧାନପାଇଁ ଉପଯୁକ୍ତ ପଦକ୍ଷେପ ନିମନ୍ତେ ସୁପାରିସ କରିଛନ୍ତି । ନୀତୀ ଆୟୋଗର ପୂର୍ବତନ ସଦସ୍ୟ ପ୍ରଫେସର ରମେଶ ଚାନ୍ଦ ଏହି କମିଟିର ଅଧ୍ୟକ୍ଷତା କରିବେ । କମିଟିରେ କୃଷି କମିଶନର୍, ଖାଉଟି ବ୍ୟାପାର ବିଭାଗ ଯୁଗ୍ମ ସଚିବ ଏବଂ ଖାଦ୍ୟ ଓ ସାଧାରଣ ବିଭାଗର ଯୁଗ୍ମ ସଚିବ ସଦସ୍ୟ

ରହିବେ । କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରର ଆଖୁଚାଷୀମାନଙ୍କ ପ୍ରତିନିଧିମାନେ କୃଷି ଓ କୃଷକ କଲ୍ୟାଣ ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ମନ୍ତ୍ରୀଙ୍କ ସହ କରିଥିବା ଆଲୋଚନା ପରେ ଏହି କମିଟି ଗଠନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି କମିଟି କୃଷକ ପ୍ରତିନିଧି, ଆଖୁ ମିଲ୍ ସଂଘ, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସମେତ ସମସ୍ତ ଅଂଶୀଦାରମାନଙ୍କ ସହ ପରାମର୍ଶ କରିବେ । ଏହି କମିଟି ସମସ୍ତଙ୍କ ସହ ଆଲୋଚନା ପରେ ଖୁବ୍ ଶୀଘ୍ର ତା'ର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବ ।

## ସିଙ୍ଗାପୁର ସିପ୍‌ସ୍ - ହର୍ମୁଜ୍

ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରୁଥିବା ସିଙ୍ଗାପୁରର ୨ଟି ଜାହାଜ ଜି.ଏଫ୍.ଏସ୍. ପ୍ରାଇଡ୍ ଏବଂ ଜି.ଏଫ୍.ଏସ୍. ଜିସେଲ୍ ଉପରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । ସିଙ୍ଗାପୁରର ସାମୁଦ୍ରିକ ଏବଂ ବନ୍ଦର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜି.ଏଫ୍.ଏସ୍. ପ୍ରାଇଡ୍‌ରେ ଆକ୍ରମଣ ଯୋଗୁଁ ନିଆଁ ଲାଗି ଯାଇଥିଲା ଏବଂ ତାହା ବୁଡ଼ି ଯାଇଥିଲା । ସେଥିରେ ଥିବା ୨୧ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସେହିପରି ଜି.ଏଫ୍.ଏସ୍. ଜିସେଲ୍ କ୍ଷତିଗ୍ରସ୍ତ ହେବା ସହ ସେଥିରେ ଥିବା ୨୨ ଜଣ କ୍ରୁ

ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସିଙ୍ଗାପୁର କର୍ତ୍ତୃପକ୍ଷଙ୍କ ପକ୍ଷରୁ ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି ।

## ନର୍ଥ କୋରିଆ - ମିଶାଇଲ୍ ଟେଷ୍ଟ

ଉତ୍ତର କୋରିଆ ସାମୁଦ୍ରିକ ବୁଡ଼ାଜାହାଜରୁ କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିବା ପ୍ରକାଶ କରିଛି । ୱାଶିଂଟନ୍ ଏବଂ ସିଓଲ୍ ସହିତ ଦୀର୍ଘଦିନ ଧରି କୂଟନୈତିକ ସମ୍ପର୍କ ସ୍ଥଗିତ ଥିବାବେଳେ ପୋଙ୍ଗ୍ୟାଙ୍ଗ୍ ନିଜର ସାମରିକ କ୍ଷମତା ବୃଦ୍ଧି କରିଛି । ଗତକାଲି ଦେଶର ପୂର୍ବ ଜଳରାଶିରେ ଏହି ପ୍ରକାରର ୨ଟି କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷା ହୋଇଛି । ଦକ୍ଷିଣ କୋରିଆରେ ସେନା ପକ୍ଷରୁ ଏହି ପରୀକ୍ଷଣ ପରେ କୌଣସି ମତାମତ ଦିଆଯାଇ ନାହିଁ ।

## କ୍ରିକେଟ୍ - ଫୋର୍ଥ ଟି-ଟ୍ୱେଣ୍ଟି

ହାଇଦ୍ରାବାଦଠାରେ ଗତକାଲି ଅନୁଷ୍ଠିତ ପୁରୁଷ ବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଭାରତକୁ ୨୪ ରନ୍‌ରେ ପରାସ୍ତ

କରିଛି । ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ଭାରତପାଇଁ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଭାରତ ୧୯ ଓଭର୍ ୩ଟି ବଲ୍‌ରେ ମାତ୍ର ୨୨୩ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ସଞ୍ଜୁ ସାମ୍‌ସନ୍ ସର୍ବାଧିକ ୫୬ ରନ୍ ସଂଗ୍ରହ କରିଥିବାବେଳେ ତିଲକ ବର୍ମା ୪୩ ସଂଗ୍ରହ କରିଥିଲେ । ୱେଷ୍ଟଇଣ୍ଡିଜ୍ ପକ୍ଷରୁ କିମୋ ପଲ୍ ୫ଟି ୱିକେଟ୍ ଅକ୍ତିଆର କରିଥିଲେ । ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ବିନିମୟରେ ୨୪୭ ରନ୍ ସଂଗ୍ରହ କରିଥିଲା । ୱେଷ୍ଟଇଣ୍ଡିଜ୍‌ର ଅଧିନାୟକ ସାଇ ହୋପ୍ ୫୦ଟି ବଲ୍‌ରୁ ୧୦୨ ରନ୍ କରି ଅପରାଜିତ ଥିଲେ । ସାଇ ହୋପ୍ ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବର୍ତ୍ତମାନ ୨-୨ରେ ରହିଛି । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୧୭ ତାରିଖରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ।

*****